# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**7 April – 2026**

## ଇଗ୍ନୋ-ଉପରାଷ୍ଟ୍ରପତି

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଜି ଅଣଚାଳିଶତମ ଦୀକ୍ଷାନ୍ତ ଉତ୍ସବରେ ନୂଆଦିଲ୍ଲୀର ମୁଖ୍ୟାଳୟରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଉଦ୍‌ବୋଧନ ଦେବେ। କୋରାପୁଟସ୍ଥିତ ଆଞ୍ଚଳିକ କେନ୍ଦ୍ରରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଚଳତବର୍ଷ ୨ହଜାର ୧୯୦ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯିବ।

## କୁଳପତି ନିଯୁକ୍ତି

ରାଜ୍ୟ ସରକାର ୧୪ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଚଣ୍ଡିପ୍ରସାଦ ନନ୍ଦଙ୍କୁ ନିଯୁକ୍ତି ମିଳିଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଫେସର ବିଭୁତିଭୂଷଣ ମଲ୍ଲିକ ଓ ରମାଦେବୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି ।

# ଓଡ଼ିଆ ପକ୍ଷ-ଶିଶୁକଥା ଦିବସ

ଓଡ଼ିଆ ପକ୍ଷ ପାଳନର ଆଜି ସପ୍ତମ ଦିନକୁ 'ଶିଶୁକଥା ଦିବସ' ଭାବେ ପାଳନ କରାଯିବ। ଶିଶୁକଥା ଦିବସ ପାଳନ ହେବା ଅବସରରେ ରାଜ୍ୟର ବିଦ୍ୟାଳୟଗୁଡିକରେ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ କରାଯିବ। ବରିଷ୍ଠ ନାଗରିକମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯିବ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଅବଗତ କରାଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଏବଂ ପ୍ରସାର ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ବିଭିନ୍ନ ଲୋକବାଣୀ ସମ୍ବନ୍ଧରେ ଯେପରି ସମସ୍ତେ ଅବଗତ ହୋଇପାରିବେ, ତାହାକୁ ଲକ୍ଷ୍ୟ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ବାର୍ତ୍ତା ନେଇ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ସମ୍ପୂର୍ଣ୍ଣଭାବେ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାକୁ ଉତ୍ତମ ସ୍ୱାସ୍ଥ୍ୟ କୁହାଯାଇଥାଏ। ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ପୃଥିବୀର ଲୋକମାନେ କିପରି ନିରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ଉପଭୋଗ କରିପାରିବେ ସେଥିପାଇଁ ୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ

ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ସ୍ୱାସ୍ଥ୍ୟ ପାଇଁ ଏକଜୁଟ୍ ହେବା, ବିଜ୍ଞାନ ସହ ଆଗକୁ ବଢ଼ିବା"। ବିଶ୍ୱର ୧୪୦ଟି ରାଷ୍ଟ୍ର ନିଜ ନିଜର ସମ୍ବିଧାନରେ ସ୍ୱାସ୍ଥ୍ୟକୁ ଏକ ମାନବ ଅଧିକାର ଭାବେ ସ୍ୱିକୃତି ଦେଇଛନ୍ତି।

# ଶ୍ରୀମନ୍ଦିର ଆଲୋକୀକରଣ

ପୁରୀ ଶ୍ରୀମନ୍ଦିର ଚାରିଦ୍ୱାର ସହ ମେଘନାଦ ପାଚେରୀ, କୁରୁମ ବେଢ଼ା, ଜଗମୋହନ, ନାଟମଣ୍ଡପ, ଆନନ୍ଦବଜାର ସମେତ ମା' ଲକ୍ଷ୍ମୀ, ବିମଳା ଏବଂ ଅନ୍ୟାନ୍ୟ ପାର୍ଶ୍ୱଦେବାଦେବୀଙ୍କ ମନ୍ଦିର ଗୁଡ଼ିକ ଆଲୋକୀକରଣ କରାଯିବ । ଆଲୋକୀକରଣ ପାଇଁ ୧୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି । ଏଏସ୍ଆଇର ବୈଷୟିକ ପରାମର୍ଶ ଏବଂ ମାର୍ଗଦର୍ଶନରେ ଆଲୋକୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ସ୍ଥାପତ୍ୟ ଆଲୋକୀକରଣ ପରାମର୍ଶଦାତା ଶିଳ୍ପୀ ଭରଦ୍ୱାଜ କହିଛନ୍ତି...

**V/O...**

# ଶ୍ରୀରାମ ନବମୀ ଯାତ୍ରା

ନୟାଗଡ଼ର ଓଡ଼ଗାଁରେ ଶ୍ରୀରାମ ନବମୀ ଯାତ୍ରାର ଏକାଦଶ ଦିନରେ ଗତକାଲି ପ୍ରଭୁ ଶ୍ରୀରଘୁନାଥଙ୍କ ରାଜ୍ୟାଭିଷେକ ବେଶ ଅନୁଷ୍ଠିତ ହୋଇଥିଲା। ଅଧର୍ମ ଉପରେ ଧର୍ମର ବିଜୟ ସ୍ୱରୂପ ରାଜ୍ୟାଭିଷେକ ବେଶ

ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ରତ୍ନ ସିଂହାସନରେ ପ୍ରଭୁ ଶ୍ରୀରାମ ଓ ମା ସୀତା ଏବଂ ଭକ୍ତ ହନୁମାନଙ୍କ ପ୍ରଣାମ ଭଙ୍ଗୀରେ ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା।

## ଟିକଟ ଯାଞ୍ଚ ରେକର୍ଡ

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଟିକେଟ୍ ଯାଞ୍ଚ କରି ସମଗ୍ର ଜୋନ୍‌ରେ ସର୍ବାଧିକ ଆୟ କରିଛି। ପ୍ରାୟ ୭ ଲକ୍ଷ ୩୮ ହଜାର ଅନାଧିକୃତ ଯାତ୍ରୀଙ୍କଠାରୁ ଭଡ଼ା ଓ ଜରିମାନା ବାବଦକୁ ୩୯ କୋଟି ୭୧ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହି ପରିମାଣ ପୂର୍ବବର୍ଷ ତୁଳନାରେ ୨୧ ପ୍ରତିଶତ ବୃଦ୍ଧି ପାଇଛି। ଅନଧିକୃତ ଯାତ୍ରାକୁ ରୋକିବା ପାଇଁ ବିଭିନ୍ନ ଟ୍ରେନ୍ ଓ ଷ୍ଟେସନ୍‌ରେ ୩ ହଜାରରୁ ଅଧିକ ଟିକେଟ୍ ଯାଞ୍ଚ କରାଯାଇଥିଲା।

## ପ୍ରଶିକ୍ଷଣ ମହା ଅଭିଯାନ

ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ ମାଙ୍କୁଡିଆ ଦୁର୍ଗା ମଣ୍ଡପରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ସମାଜର

ଶେଷସ୍ତରର ବ୍ୟକ୍ତିଙ୍କ ପାଖରେ ସେବା ପହଞ୍ଚାଇବା ଲାଗି ପରାମର୍ଶ ଦେଇଛନ୍ତି ।

## ରଗ୍‌ବୀ ଚାମ୍ପିୟନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅଣସ୍ତରୀତମ ଜାତୀୟ ବିଦ୍ୟାଳୟ ସମୁହ ରଗ୍‌ବୀ ଚାମ୍ପିୟନସିପ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଯୋଗଦେଇ ଯୁବ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଆସନ୍ତା ୧୦ ତାରିଖ ଯାଏଁ ଚାଲିବାକୁ ଥିବା ପ୍ରତିଯୋଗିତାରେ ଓଡ଼ିଶା ସମେତ ୧୫ଟି ରାଜ୍ୟର ୧୪ ଓ ୧୭ ବର୍ଷରୁ କମ୍ ୪୬୦ଜଣ ବାଳକବାଳିକା ଭାଗ ନେଇଛନ୍ତି ।

## ପାଣିପାଗ

ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରାୟ ସବୁ ଜିଲ୍ଲାପାଇଁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । କାଳବୈଶାଖୀ ଏବଂ ବିଜୁଳି ଘଡ଼ଘଡ଼ି ସମୟରେ ଜନସାଧାରଣଙ୍କୁ ସତର୍କ ରହିବା ଏବଂ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାଲାଗି ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ

ଦିଆଯାଇଛି । ଗତକାଲି ବୌଦ୍ଧରେ ସର୍ବାଧିକ ଦିନ ତାପମାତ୍ରା ୩୮ ଦଶମିକ ୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।